# Akashvani, Sambalpur

## SAMBALPURI NEWS BULLETIN

### 21 August 2024- 6.47- 6.52 am.

*********************************************

ହକି ଖେଲାଲୀ-ସମ୍ବର୍ଦ୍ଧନା ଆର୍‌ଏନ୍‌ୟୁ / ସମ୍ବଲପୁର

ଅଲମ୍ପିକ୍‌ଥି କାଂସ୍ୟପଦକ୍ ଜିତିଥିବା ଭାରତୀୟ ହକି ଦଲର୍ ଖେଲାଲୀମାନ୍‌କୁ ଆଏଜ୍ ସଞ୍ଜ୍‌ବେଲା ୫ ବଜେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ସମ୍ବର୍ଦ୍ଧନା ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ହେତାର୍ ଆଘୋନୁ ଦ୍ୱିପହରେ ଭାରତୀୟ ହକି ଦଲର୍ ଖେଲାଲୀମାନ୍‌କୁ ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଆନ୍ତର୍ଜାତୀୟ ବିମାନ୍ ବନ୍ଦର୍‌ନୁ କଳିଙ୍ଗ ଷ୍ଟାଡ଼ିୟମ୍‌ତକ୍ ଗୁଟେ ଶୋଭାଯାତ୍ରାଥି ଅନାଯିବା ।

ବିଭାଗୀୟ ସଚିବ ବୈଠକ ଆର୍‌ଏନ୍‌ୟୁ / ସମ୍ବଲପୁର

ଯୋଜ୍ନା ଅନ୍‌ସାରେ ଭିନ୍ ଭିନ୍ ବିକାଶ୍ ମୂଲକ୍ କାର୍ଯ୍ୟକ୍ରମ୍‌କେ ତ୍ୱରାନ୍ୱିତ୍ କରିକରି ଖର୍ଚ୍ଚା ବଢ଼ାବାର୍ ସହେତେ ଭିନ୍ ଭିନ୍ କ୍ଷେତ୍ର ନ ଅଏତ୍‌କା ପୁଞ୍ଜି ଖଟେଇକରି ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରାମର୍ଶ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ସବୁ ବିଭାଗୀୟ ସଚିବ ମାନ୍‌କର୍ ବୈଠକ୍ କରିକରି କହିଛନ୍ ଯେ, ରାଜ୍ୟ ସର୍‌କାର୍ ୨୦୩୬ ଆର୍ ୨୦୪୭ ମସିହାକେ ନଜର୍‌ଥି ରଖିକରି କାମ୍ ମୁଲ୍ କରିଥିବାର୍ ବେଲେ ସବୁ ବିଭାଗ୍, ଦଲଗତ ମନ୍ ରଖିକରି କାମ୍ କର୍‌ବାର୍ ଦର୍‌କାର୍ । ବୈଠକ୍‌ଥି ଅର୍ଥ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଶାଶ୍ୱତ୍ ମିଶ୍ର ୨୦୨୩-୨୪ ଆଉର୍ ୨୦୨୪-୨୫ ଆର୍ଥିକ୍ ବଛର୍‌ର ଆୟ ବ୍ୟୟର ହିସାବ୍ ରଖିଥିବାର୍ ବେଲେ ମୁଖ୍ୟ ଶାସନ୍ ସଚିବଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ପ୍ରମୁଖ ଶାସନ୍ ସଚିବ ଆଉ ଶାସନ୍ ସଚିବ ମାନେ ଉପସ୍ଥିତ୍ ଥିଲେ ।

ପ୍ରଧାନ୍‌ମନ୍ତ୍ରୀ ସଡ଼କ୍ ଯୋଜ୍ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ସଡ଼କ୍ ଯୋଜ୍‌ନାଥି ଏବ୍‌ତକ୍ ୧୬ ହଜାର୍ ୯ ଶହ ୯୧ ଟା ଗାଁକେ ପକ୍କା ରାସ୍ତାଥି ସଂଯୋଗ୍ କରାଯାଇଛେ ବଲି ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭାଥି ତଥ୍ୟ ରଖିଛନ୍ । ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ଯେ, ଏଛେନ୍ ଯେନ୍ ୧୦ ଟା ଗାଁକେ ପକ୍କା ରାସ୍ତା କାମ୍ ଚାଲିଛେ ସେଟା ଆଏବା ୨୦୨୫ ମାର୍ଚ୍ଚତକ୍ ଶେଷ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ପିଏମ୍ ଜନମନ ଯୋଜ୍‌ନାଥି ଓଡ଼ିଶାର୍ ଲାଗି କେନ୍ଦ୍ର ସର୍‌କାର୍ ୪୭ ଟା ଅସୁରକ୍ଷିତ ଜନଜାତି ଗୋଷ୍ଠୀ -ପି.ଭି.ଟି.ଜି. ଲୁକେ ରହୁଥିବା ବସ୍ତିକେ ସଡ଼କ୍ ଯୋଜ୍‌ନା ଲାଗି ମଞ୍ଜୁରୀ ଦେଇଛନ୍ । ହେଥୁ ୪ ଟା ଗାଁକେ ସଡ଼କ୍ ସଂଯୋଗ୍ ଲାଗି ଟେଣ୍ଡର୍ ହେଇସାରିଛେ ଆଉ ବାକି ୪୩ ଟା ଗାଁର୍ ଟେଣ୍ଡର୍ ପ୍ରକ୍ରିୟା ଚାଲିଛେ ।

## ରତ୍ନଭଣ୍ଡାର୍ ଆଲ୍‌ମିରା, ସିନ୍ଦୁକ ସ୍ଥାନାନ୍ତର

ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ର ବାହାର ଆଉ ଭିତର ରତ୍ନଭଣ୍ଡାର୍ ନ ଥିବାର୍ ସବୁ ଖାଲି ଆଲ୍‌ମିରା ଆର୍ ସିନ୍ଦୁକ ମାନ୍‌କୁ ଆଏବା ୨୩ ତାରିଖ୍ ଦିନ ବାହାର୍ କରାଯାଇକରି ନିଳାଦ୍ରୀ ବିହାର୍ ମ୍ୟୁଜିୟମ୍ ପାଖର୍

ଗୁଟେ ଘରେ ସୁରକ୍ଷିତ୍ ରଖାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ରାଜ୍ୟ ସର୍କାର୍ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍ସାରେ ଇ କାମ୍ ହେବା । ହେଥି ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆଉ ସେବାପୂଜାଥି ଯେନ୍ତା କିଛି ଅସୁବିଧା ନାଇଁ ହେବା । ସେଥିର୍ଲାଗି ଖାସ୍ ନୀତି ନିର୍ଘଂଟ ତିଆର୍ କରାଯାଇଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ବନକଲାଗି ଆର୍ଏନ୍ୟୁ/ କଟକ୍

ଭୁଦୋ ମାସର୍ ଉଜଲ୍ ପଖର୍ ତୃତୀୟା ତିଥି ଅବ୍ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗମଣ୍ଡପ୍ ନୀତି ଉତ୍ରୁ ପାଖାପାଖି ଉପର୍ବେଲାର୍ ୫ ବଜେନୁ ରାତିର୍ ୯ ବଜେତକ୍ ବନକଲାଗି ନୀତିର୍ ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀ ଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ । ବନକଲାଗି ଉତ୍ରୁ ଶ୍ରୀଜୀଉଙ୍କର୍ ମହାସ୍ନାନ ନୀତି ହେବା । ତାର୍ଉତ୍ରୁ ସର୍ବସାଧାରଣ ଦର୍ଶନ୍ ହେଇପାର୍ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବ ଭାରତ୍ ଦେଶ୍ ଆର୍ ବିଶ୍ୱର୍ ଅଭିବୃଦ୍ଧିର ଇଞ୍ଜିନ୍ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଗଲାକାଏଲ୍ କୋଲ୍‌କାତା ନ ସି.ଆଇ.ଆଇ. ପୂର୍ବାଂଚଲ୍ ଏକ୍‌ଜିମ୍ ସମ୍ମଲନୀ -୨୦୨୪ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ପୂର୍ବ ଭାରତ୍ ନ ଖୋବ୍‌ଟେ ପ୍ରାକୃତିକ୍ ସମ୍ପଦ୍ ଆଉ ପ୍ରତିଭା ଥିବା ଯୁବଗୋଷ୍ଠୀ ଆର୍ ଶ୍ରମଶକ୍ତି ରହିଛେ । ପୂର୍ବ ଭାରତ୍‌ର ରାଜ୍ୟମାନ୍‌କର୍ ମାନବ୍ ସମ୍ବଲ୍ ଆର୍ ବୌଦ୍ଧିକ କ୍ଷମତା ଦେଶ୍‌କେ ଆଗ୍‌କେ ନେଇପାର୍‌ବା ଖାସ୍ କରି କୋଲ୍‌କାତା, ଭୁବ୍‌ନେଶ୍ୱର୍, ରାଂଚି ଆର୍ ରାୟପୁର୍ ସହେତେ ପୂର୍ବ ଭାରତ୍‌ର ପ୍ରମୁଖ ସହର୍‌ମାନେ ଦେଶ୍ ଆର୍ ବିଶ୍ୱର୍ ଅଭିବୃଦ୍ଧିର୍ ଇଞ୍ଜିନ୍ ହେବାର୍ ସମ୍ଭାବନା ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

## +୨ ପ୍ରଶ୍ନପତ୍ର ଢାଂଚା ପରିବର୍ତନ ଆର୍‌ଏନ୍‌ୟୁ /ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ଓଡ଼ିଶା ତର୍‌ଫୁ ସିବିଏସ୍‌ଇ ଢାଂଚା ଅନ୍‌ସାରେ ପ୍ରଶ୍ନପତ୍ରର୍ ଢାଂଚା ବଦ୍‌ଲା ଯାଇଛେ । ସେ ଅନ୍‌ସାରେ

ଏତ୍‌କର ଯୁକ୍ତ ଦୁଇ ଶ୍ରେଣୀଥି ପ୍ରାକ୍ଟିକାଲ୍ ନାଇଁଥିବା ବିଷୟମାନ୍‌କୁ ଇଂଟର୍‌ନାଲ୍ ପରୀକ୍ଷା ହେବା । ୨୦ ମାର୍କର ଇଂଟର୍‌ନାଲ୍ ପରୀକ୍ଷା ଆର୍ ୮୦ ମାର୍କର ଥିଓରି ପରୀକ୍ଷା ହେବା । ପ୍ରାକ୍ଟିକାଲ୍ ଥିବାର୍ ବିଷୟଥି ୭୦ ମାର୍କର ଥିଓରି ଆର୍ ୩୦ ମାର୍କର ପ୍ରକ୍ଟିକାଲ୍ କି ପ୍ରୋଜେକ୍ଟ ପେପର୍ ରହେବା । ଆଏବା ୨୦୨୫ ମସିହା ନ ଯୁକ୍ତ ଦୁଇ ପରୀକ୍ଷା ଦେବାର୍‌କେ ଥିବାର୍ ଛାତ୍ରଛାତ୍ରୀଙ୍କର୍ ନ ଇ ନୂଆଁ ଢାଂଚା ଲାଗୁ କରାଯିବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ-ଆହାର

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସହର୍ ଇଲାକା ନ ଥିବାର୍ ୮୬ ଟା ଆମ ହସ୍ପିଟାଲ୍‌ଥି ଏତ୍‌କର ଆହାର ମିଲ୍‌ବା ବଲି ଗଲାକାଏଲ୍ ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଏଛେନ୍ ରାଜ୍ୟର୍ ଶହେ ୭୯ ଟା ଆହାର କେନ୍ଦ୍ର ନ ଆହାର ଦିଆଯାଉଛେ । ୫୬ ଟା ଆହାର କେନ୍ଦ୍ର ନ ଲୁକ୍‌କୁ ଦୁହିବେଲା ଖାଏବାର୍‌କେ ଦିଆଯାଉଛେ । ଫି' ଦିନ ଦିନ୍‌ବେଲା ୮୦ ହଜାର୍ ଆର୍ ରାତି ବେଲା ୧୫ ହଜାର୍

ଲୁକ୍‌କୁ ଖାଏବାର୍‌କେ ଦିଆଯାଉଛେ । ଇ ଯୋଜ୍‌ନାର୍ ଲାଗି ଦର୍‌କାରୀ ପାଣ୍ଠି ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ଯୁଗାଯାଉଛେ । ଏଛେନ୍ ଆହାର ଯୋଜ୍‌ନାର୍ ପରିଚାଲନା ଲାଗି ବଛର୍‌କ ପାଖାପାଖ୍ ୬୦ କୋଟି ଟଙ୍କା ଖର୍ଚ୍ଚା କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବଲାଙ୍ଗିର୍-ଏସ୍.ଭି.ନିର୍‌ତାର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଦିବ୍ୟାଙ୍ଗ ମାନ୍‌କୁ ସେବା ଯୁଗାବାର୍‌କେ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ତାଲିମ୍ ଆଉ ଗବେଷଣା ପ୍ରତିଷ୍ଠାନ୍-ଏସ୍.ଭି.ନିର୍‌ତାର୍ ଅଧିନ୍‌ଥି ବଲାଙ୍ଗିର୍ ନ ଥିବାର୍ ଆଂଚଲିକ୍ କେନ୍ଦ୍ରର ସମ୍ପ୍ରସାରଣ୍ ଲାଗି ସର୍‌କାର୍ ଏକ୍‌ଡ଼େ ୭ ଶହ ୭୦ ଡିସ୍‌ମିଲ୍ ସର୍‌କାରୀ ଜମି ବିନା ପ୍ରିମିୟମ୍‌ଥି ଯୁଗାବେ ବଲି ସଂସଦୀୟ ବ୍ୟପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ହେଥିର୍‌ଲାଗି ୧୧ କୋଟି ୭ ଲାଖ୍ ୫୭ ହଜାର୍ ଟଙ୍କା ଛାଡ଼୍ କର୍‌ବାର୍‌କେ ସର୍‌କାର୍ ନିଷ୍ପତି ନେଇଛନ୍ ବଲି ସେ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ମେଘୁଆ ପାଗ୍ ରହିଛେ । ଆଏବା କାଏଲ୍ ସଖାଲ୍‌ତକ୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ବନିହାଁ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।